ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/H&FW(OD)/1148/27-10-2023

# ଜଟଣୀଠାରେ ଶିଶୁ କ୍ୟାନ୍ସନର ଚିକିତ୍ସା ନିମନ୍ତେ ଧର୍ମଶାଳା ତଥା ଗେଷ୍ଟହାଉସ୍ ନିର୍ମାଣ ପାଇଁ ପାଣ୍ଠି ଯୋଗାଇବେ ରାଜ୍ୟ ସରକାର

ଭୁବନେଶ୍ୱର, ତା.୨୭/୧୦/୨୦୨୩

ଶିଶୁ କର୍କଟ ଚିକିତ୍ସା ସହାୟତା ପାଇଁ ହୋମିଭାବା କ୍ୟାନସର୍ ହସ୍‌ପିଟାଲ୍ ଏବଂ ରିସର୍ଚ୍ଚ ଜଟଣୀ ନିକଟରେ ଦୁଇ ଲକ୍ଷ ବର୍ଗଫୁଟ ପରିମିତ ଅଞ୍ଚଳରେ ଦୁଇଟି ଧର୍ମଶାଳା ତଥା ଗେଷ୍ଟହାଉସ୍ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମଂଜୁରୀ ପ୍ରଦାନ କରିଛନ୍ତି । ଟାଟା ମେମୋରିଆଲ୍ କ୍ୟାନସର୍ ସେଣ୍ଟର ସହ ପରାମର୍ଶ କରି ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ୧୨୦ କୋଟି ବିନିଯୋଗ କରି ଏହି ନିର୍ମାଣ କାର୍ଯ୍ୟ କରିବ ।

ଅତ୍ୟାଧୁନିକ ଶିଶୁ କ୍ୟାନ୍ସର ଚିକିତ୍ସା ନିମନ୍ତେ ବିଲ୍ଡିଂ ନିର୍ମାଣ ପାଇଁ ରାଜ୍ୟ ସରକାର ୮୦ କୋଟି ଟଙ୍କା ଏବଂ ଆବଶ୍ୟକ ଉପକରଣ ପାଇଁ ୭୦ କୋଟି ଟଙ୍କା ଏହିପରି ମୋଟ ୧୫୦ କୋଟି ଟଙ୍କା ଯୋଗାଇଦେବେ । ଏହି କାର୍ଯ୍ୟ ପାଇଁ ଅର୍ଥରାଶି ଟାଟା ମେମୋରିଆଲ୍ କେନ୍ଦ୍ର (ଟିଏମ୍‌ସି)କୁ ପ୍ରଦାନ କରାଯିବ ।

ଦିପ୍ତୀମୟୀ ମହାପାତ୍ର
ଉପନିର୍ଦ୍ଦେଶକ